# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 March - 2025

******************************

## ମୁଖ୍ୟ ସମ୍ବାଦ

- ଭବିଷ୍ୟତ ପିଢ଼ିଙ୍କ ପାଇଁ ଜଳ ସଂରକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

– ବିଶ୍ୱ ଜଳ ଦିବସ ପାଳନ ଅବସରରେ ବିଭିନ୍ନ ଜଳସମ୍ପଦ ପ୍ରକଳ୍ପର ଆଜି ଶିଳାନ୍ୟାସ ଓ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

- ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ ହେବା ନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ

- ଶକ୍ତି ସଞ୍ଚୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଆଜି ପାଳନ କରାଯିବ 'ଆର୍ଥ ଆୱାର' ଅଭିଯାନ

ଏବଂ

- ରାଜ୍ୟର ଉପକୂଳ ଅଞ୍ଚଳରେ ଆସନ୍ତାକାଲି କେତେକ ସ୍ଥାନରେ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ରର ସୂଚନା

# ବିଶ୍ୱ ଜଳଦିବସ

ଜଳର ମହତ୍ତ୍ୱ ସମ୍ପର୍କରେ ବିଶ୍ୱବାସୀଙ୍କୁ ଅବଗତ କରାଇବା, ଜଳର ଦୁରୂପଯୋଗ ରୋକିବା, ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସ୍ୱଚ୍ଛ ପାନୀୟ ଜଳ ପହଁଞ୍ଚାଇବା, ଜଳ ସଂରକ୍ଷଣ ବାର୍ତ୍ତା ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖକୁ ବିଶ୍ୱ ଜଳଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷର ବିଷୟବସ୍ତୁ ରହିଛି **ଗ୍ଲେସିୟର ସଂରକ୍ଷଣ ।** ମଧୁର ଜଳ ଯୋଗାଣକୁ ସୁସଂହତ କରିବାରେ ଗ୍ଲେସିୟରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୯୩ ମସିହାରୁ ଏହି ଦିବସ ପାଳିତ ହୋଇଆସୁଅଛି। ଜଳ ଉତ୍ସ ସୀମିତ ହୋଇଥିବା ବେଳେ ଏହାର ଉପଯୁକ୍ତ ସଂରକ୍ଷଣ କରାନଗଲେ ଆଗାମୀ ପିଢ଼ି ଜଳସଂକଟରେ ପଡ଼ିବାର ଆଶଙ୍କା ରହିଛି। ୨୦୩୦ ସୁଦ୍ଧା ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱଚ୍ଛ ଜଳଯୋଗାଣ ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିଶ୍ୱ ଜଳ ଦିବସ ଅବସରରେ କହିଛନ୍ତି, ଆଗାମୀ ପିଢି ପାଇଁ ଜଳ ସଂରକ୍ଷଣ ବହୁ ଜରୁରୀ। ଜଳ ସଂରକ୍ଷଣ ଓ ସର୍ବଦା  ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଆଲୋକପାତ କରିଛନ୍ତି। ଜଳ ସଭ୍ୟତାର

ଜୀବନରେଖା ରହିଛି ଏବଂ ଭବିଷ୍ୟତ ପିଢି ପାଇଁ ଏହାକୁ ସଂରକ୍ଷିତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସୂଚନା ଅନୁଯାୟୀ, ବିଶ୍ୱର ପ୍ରାୟ ୨୨୦ କୋଟି ଜନସାଧାରଣଙ୍କ ସ୍ୱଚ୍ଛ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି । ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ମାତ୍ରାଧିକ ପ୍ରଦୂଷଣ, ଶିଳ୍ପାୟନ ବୃଦ୍ଧି ଯୋଗୁଁ ଜଳସଂକଟ ଉତ୍କଟ ରୂପ ଧାରଣ କରୁଛି । ଏଣୁ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସମସ୍ତେ ଯତ୍ନବାନ୍ ହେବା ପାଇଁ ଏହି ଦିବସ ପାଳନ କରାଯାଉଛି ।

***Desk***

# ଜଳସମ୍ପଦ-ଶିଳାନ୍ୟାସ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଜଳଦିବସ ସମାରୋହ-୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି  ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଜଳ ସଂରକ୍ଷଣ ସମ୍ପର୍କିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏଥିରେ ୧୦୦ଟି ଆଡ଼ିବନ୍ଧର ଲୋକାର୍ପଣ ସହ ୧୮ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ଏବଂ ୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍‌ଲାଇନ୍ ଦ୍ୱାରା ଜଳସେଚନ ବ୍ୟବସ୍ଥାର ଶୁଭାରମ୍ଭ କରିବେ ।

*Desk*

# ଜାତୀୟ ଶିକ୍ଷା ନୀତି

ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ନୂଆ ପାଠ୍ୟକ୍ରମ ଲାଗୁ ହେବ ଏଥିନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ୨୦୨୬-୨୭ ଶିକ୍ଷାବର୍ଷରେ ଜାତୀୟ ଶିକ୍ଷାନୀତି ଲାଗୁ ହେବ । ଏଥିପାଇଁ କମିଟି ଗଠନ କରାଯାଇଛି ଏବଂ ପ୍ରସ୍ତୁତି ମଧ୍ୟ ଜାରି ରହିଛି । କେନ୍ଦ୍ର ସରକାରଙ୍କ ଏନ୍.ଇ.ପି.ରେ ଯାହା ସ୍ଥାନ ପାଇଛି ରାଜ୍ୟରେ ମଧ୍ୟ ଭାଷା, ସଂସ୍କୃତି ଓ ଐତିହ୍ୟକୁ ଆଧାର କରି ନୂତନ ପଠ୍ୟକ୍ରମ ଆସିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହା ଉପରେ କମିଟି ତର୍ଜମା କରୁଛି । ରାଜ୍ୟର ଆବଶ୍ୟକତା ଅନୁଯାୟୀ ପ୍ରସଙ୍ଗ ପାଠ୍ୟକ୍ରମରେ ସ୍ଥାନ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି...

**- V/O –**

# ସୁରକ୍ଷା ବ୍ୟବସ୍ଥା

ଇଦୁଲ ଫିତର, ରାମନବମୀ ଏବଂ ହନୁମାନ ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି ପାଳନ ପରିପ୍ରେକ୍ଷୀରେ ନିରାପତ୍ତା ତଥା ସୁରକ୍ଷା ନେଇ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀ ଖୁରାନିଆ,

ଯେକୌଣସି ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା ସହ ସତର୍କ ରହି ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ କ୍ରାଇମବ୍ରାଞ୍ଚ ଦ୍ୱାରା ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯାଇ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ସକ୍ରିୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

***Desk***

## ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତ୍ତର ଥିବାରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି ହେବ ନାହିଁ । ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ଆର୍ଥ ଆୱାର

ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଏବଂ ଶକ୍ତି ସଂଚୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଆର୍ଥ ଆୱାର ଅଭିଯାନ ପାଳନ କରାଯାଉଛି । ପୃଥିବୀର ସୁରକ୍ଷା ପାଇଁ ପ୍ରତିବର୍ଷ ମାର୍ଚ୍ଚ ମାସର ଶେଷ ଶନିବାର ଦିନ ପୃଥିବୀବାସୀ ୧ ଘଣ୍ଟା ପର୍ଯ୍ୟନ୍ତ ନିଜର ଅନାବଶ୍ୟକ ବିଜୁଳି ଶକ୍ତିକୁ ସଞ୍ଚୟ କରିବା ପାଇଁ ଲାଇଟ୍ ଓ ପଙ୍ଖାକୁ ବନ୍ଦ ରଖିଥାନ୍ତି। ଏହା

ହେଉଛି ଆର୍ଥ ଆୱାର ପାଳନର ଉଦ୍ଦେଶ୍ୟ। ରାଜ୍ୟବାସୀ ଏହି ନୈତିକ ଅଭିଯାନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଆଜି ରାତି ୮ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ୧ ଘଣ୍ଟା ପାଇଁ ନିଜ ଘର, କାର୍ଯ୍ୟାଳୟର ଲାଇଟ୍ ବନ୍ଦ କରି ଆର୍ଥ ଆୱାର ପାଳନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଅନୁସାରେ, ୨୦୦୭ ମସିହାରେ ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ପ୍ରଥମଥର ପାଇଁ ଏହି ଅଭିଯାନ ପାଳନ କରାଯାଇଥିଲା ।

***Desk***

## ଶିମିଳିପାଳ ବନ୍ଦ

ପ୍ରବଳ ବର୍ଷା ଓ କାଳବୈଶାଖୀର ଆଶଙ୍କାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଜାତୀୟ ଉଦ୍ୟାନ ଆଜି ଓ ଆସନ୍ତାକାଲି ଦୁଇଦିନ ପାଇଁ ବନ୍ଦ ରଖାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କହିଛନ୍ତି, ଦୁଇଦିନ ପର୍ଯ୍ୟନ୍ତ କୌଣସି ଯାନବାହନ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ପରବର୍ତ୍ତୀ ସ୍ଥିତିକୁ ନଜରରେ ରଖି ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

***BHK***

## ରାମନବମୀ ଉତ୍ସବ ବୈଠକ

ଶ୍ରୀରାମ ନବମୀ ଉତ୍ସବ ପାଳନ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବ ଦିନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ୍ ସେବା ଆଦି କ୍ଷେତ୍ରରେ ସୁବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।  ସମସ୍ତେ ଏକାଠି ହୋଇ ଶାନ୍ତିଶୃଙ୍ଖଳାର ସହ ଶ୍ରୀରାମନବମୀ ଉତ୍ସବ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

***Nabarangpur***

## ଉନ୍ନୟନ କାର୍ଯ୍ୟ ସମୀକ୍ଷା

ପଞ୍ଚାୟତିରାଜ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବିଦ୍ୟାଧର ସେଠୀ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ ଗସ୍ତ କରିଛନ୍ତି । ବିଭିନ୍ନ ବ୍ଲକ ଗସ୍ତ କରିବା ସହ କୋଡ଼ିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । କୋଷାଗୁମୁଡ଼ା ସଦର ମହକୁମାରେ ଥିବା ମିଶନଶକ୍ତି କାଫେକୁ ପରିଦର୍ଶନ କରି ଖୁସି ବ୍ୟକ୍ତ କରିଛନ୍ତି । ପରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ ।

*Ganjam*

## ଜଙ୍ଗଲ ନିଆଁ

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବନବିଭାଗ ଅଧୀନସ୍ଥ ରତନେଇ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିବାରେ ବନବିଭାଗ ପକ୍ଷରୁ ଚେଷ୍ଟା ଜାରି ରହିଛି । ଖରାଦିନିଆ ଜଙ୍ଗଲ ପୋଡ଼ିକୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଜଙ୍ଗଲ ନିଆଁକୁ ପ୍ରତିହତ କରିବା ପାଇଁ ବନବିଭାଗ ସତର୍କ ରହିଛି ।

*Kandhamal*

## ଏଟିଏମ୍ ସେବା

ଲୋକଙ୍କୁ ସ୍ୱଳ୍ପ ସମୟରେ ଗୁଣାତ୍ମକ ଏବଂ ସୁବିଧାଜନକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ କନ୍ଧମାଳ ଜିଲ୍ଲାରେ ହେଲ୍‌ଥ ଏ.ଟି.ଏମ୍. ସେବା ଆରମ୍ଭ ହୋଇଛି । ଭାରତ ସରକାରଙ୍କ ଦ୍ୱାରା ଆକାଂକ୍ଷୀ ବ୍ଲକ ଭାବେ ନିଆଯାଇଥିବା ଫିରିଙ୍ଗିଆ ବ୍ଲକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏହାର ଶୁଭାରମ୍ଭ ହୋଇଛି । ନୂଆପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସାଡ଼ିଙ୍ଗିଆ ସବ୍ ସେଣ୍ଟର, ଗୋଛାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାଲାନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ହେଲ୍‌ଥ ଏ.ଟି.ଏମ୍. ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବ ବୋଲି କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି ।

*BHK*

## ନିଯୁକ୍ତିମେଳା

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଭଦ୍ରକ ମଠସାହି ପଡ଼ିଆଠାରେ ଆସନ୍ତାକାଲି ନିଯୁକ୍ତିମେଳା ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ଯୁବକ-ଯୁବତୀମାନେ ଏଥିରେ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

***Desk***

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମାଝଡ଼ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଥିବା ବେଳେ କିଛି ସ୍ଥାନରେ କୁଆପଥର ବର୍ଷା ସହ ହାଲୁକା ପବନ ବହିପାରେ। ଆସନ୍ତାକାଲି ମଧ୍ୟ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହୋଇପାରେ। ଏ ନେଇ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି...

**- V/O -**